# ରାଣ୍ଡିପୁଅ ଅନନ୍ତ

## ଫକୀର ମୋହନ ସେନାପତି

**ଗାତ୍ମିକ ପରିଚିତି :**

କଥାକାର ଫକୀରମୋହନ ସେନାପତି ଆଧୁନିକ ଓଡ଼ିଆ କଥା ସାହିତ୍ୟର ଜନକ। ସେ ୧୮୪୩ ମସିହା ମକର ସଂକ୍ରାନ୍ତି ତିଥିରେ ବାଲେଶ୍ୱରର ମଲ୍ଲିକାଶପୁରଠାରେ ଜନ୍ମଗ୍ରହଣ କରିଥିଲେ। ଆଧୁନିକ ଓଡ଼ିଆ ଭାଷା ଓ ସାହିତ୍ୟ ଯେତେବେଳେ ଘୋର ସଙ୍କଟର ସମ୍ମୁଖୀନ ହୋଇଥିଲା, ବଙ୍ଗାଳୀମାନଙ୍କ ହୀନ ଚକ୍ରାନ୍ତରେ ଓଡ଼ିଆ ଭାଷା ତା'ର ସ୍ଥିତି ହରାଇବାକୁ ଯାଉଥିଲା, ଠିକ୍ ସେହି ସମୟରେ ଫକୀର ମୋହନ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ତଥା ସମୃଦ୍ଧି ଦିଗରେ ଜଣେ ସଂଗ୍ରାମୀ ମଣିଷ ଭାବରେ ଅବବୀର୍ଣ୍ଣ ହୋଇଥିଲେ।

ବହୁ ଦୁଃଖ, ଜଞ୍ଜାଳ ଓ ଜଟିଳତା ଭିତରେ ତାଙ୍କର ଜୀବନ ଅତିବାହିତ ହୋଇଥିଲା। ଜୀବନର ଭିନ୍ନ ଭିନ୍ନ ଅବସ୍ଥାରେ ଯେଉଁଠି ତାଙ୍କ ଅଝାଲ ସିଲେଇ କାମ କରିବାକୁ ପଡ଼ିଛି ତ ଯେଉଁଠି ନିମକ ମାହାଲରେ ଯୋଗ ଦେବାକୁ ହୋଇଛି। ପରବର୍ତ୍ତୀକାଳରେ ସେ ଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି। ପୁଣି ବିଭିନ୍ନ ଗଡ଼ଜାତରେ ସେ ଦେବାନ, ମ୍ୟାନେଜର ଆଦି ଦାୟିତ୍ୱ ତୁଲାଇଛନ୍ତି। ମାତ୍ର ସବୁଠି ସେ ତାଙ୍କର ପ୍ରଜ୍ଞା ଓ କର୍ମଦକ୍ଷତାର ପରିଚୟ ଦେଇଛନ୍ତି।

ଜୀବନକୁ ଅତି ବାସ୍ତବ ଦୃଷ୍ଟିରୁ ଅନୁଧ୍ୟାନ କରିଛନ୍ତି ଫକୀରମୋହନ। ସମୟର ପ୍ରାଣ ସ୍ପନ୍ଦନକୁ ସେ ଠିକ୍ ଭାବରେ ଅନୁଭବ କରିଛନ୍ତି। ଓଡ଼ିଶାର ତତ୍କାଳୀନ ସାମାଜିକ, ସାଂସ୍କୃତିକ ତଥା ରାଜନୈତିକ ଜୀବନଧାରାକୁ ସେ ଅନୁରୂପ ଭାବରେ ପର୍ଯ୍ୟବେକ୍ଷଣ କରିଛନ୍ତି। ସେସବୁକୁ ହିଁ ପୁଞ୍ଜି କରି ସେ ଆରମ୍ଭ କରିଛନ୍ତି ନିଜର ସାରସ୍ୱତ ସାଧନା।

ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଛନ୍ତି। ଓଡ଼ିଶା ସାହିତ୍ୟର ଉନ୍ନତିପାଇଁ ତାଙ୍କର ତ୍ୟାଗ ଚିରଦିନପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଓଡ଼ିଆ ଭାଷାର ଉନ୍ନତିପାଇଁ ସେ ନିଜର ଉଦ୍ୟମରେ ବାଲେଶ୍ୱରଠାରେ ୧୮୬୮ ମସିହାରେ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ। ଏହି ଛାପାଖାନାରୁ ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା ପ୍ରକାଶିତ ହେଉଥିଲା। ସେ ସମୟରେ ପାଠ୍ୟ ପୁସ୍ତକର ଅଭାବ ଦୂର କରିବାପାଇଁ ସେ ମଧ୍ୟ ନିଷ୍ଠାପର ଉଦ୍ୟମ କରିଥିଲେ ଓ ବହୁ ପାଠ୍ୟ ପୁସ୍ତକ ରଚନା କରିଥିଲେ।

ସାହିତ୍ୟ ଜଗତକୁ ଫକୀରମୋହନଙ୍କ ଦାନ ଅତୁଳନୀୟ। ନାଟକକୁ ଛାଡ଼ିଦେଲେ ସାହିତ୍ୟର ଅନ୍ୟ ସମସ୍ତ ବିଭାଗରେ ତାଙ୍କର ସାରସ୍ୱତ ପ୍ରତିଭା ପ୍ରଦର୍ଶନୀ ହୋଇଛି। ତାଙ୍କର ସାହିତ୍ୟ କୃତିଗୁଡ଼ିକ ହେଲା –

Scanned with CamScanner

କବିତା : ପୂଜାଫୁଲ, ଅବସର ବାସରେ, ଧୂଳି

ବାକ୍ୟ : ବୌଦ୍ଧାବତାର

ଅନୁବାଦ : ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ

ଭ୍ରମଣ କାହାଣୀ : ଉତ୍କଳ ଭ୍ରମଣ

ଆତ୍ମଜୀବନୀ : ଆତ୍ମ ଜୀବନ ଚରିତ

ଉପନ୍ୟାସ : ଛ ମାଣ ଆଠଗୁଣ୍ଠ, ମାମୁ, ଲଛମା, ପ୍ରାୟଶ୍ଚିତ

**ଗଳ୍ପ :** ରେବତୀ, ପେଟେଣ୍ଟ ମେଡ଼ିସିନ୍, ଡ଼ାକମୁନ୍ସି, ସଭ୍ୟ ଜମିଦାର, ଗାରୁଡ଼ି ମନ୍ତ୍ର, ଧୂଳିଆ ବାବା, ରାଣ୍ଡିପୁଅ ଅନନ୍ତା, ମାଧ ମହାନ୍ତିଙ୍କ କନ୍ୟା ସୁନା, କାଳିଆ ପ୍ରସାଦ ଗୋରାପ, କମଳା ପ୍ରସାଦ ଗୋରାପ, ପାଠୋଇ ବୋହୂ, ବଗଲାବଗୁଲୀ, ମୌନାମୌନୀ, ବାଲେଶ୍ୱରୀ, ବାଲେଶ୍ୱରୀ ରାହାଜାନୀ, ଅଧର୍ମବିତ୍ତ, ବିରେଇବିଶାଳ, ଅଜାନାତି କଥା, ପୁନର୍ମୂଷିକ ଭବ।

କାବ୍ୟ କବିତା ଅପେକ୍ଷା ଫକୀର ମୋହନଙ୍କ ଗଳ୍ପ ଉପନ୍ୟାସ ଅଧିକ ପ୍ରଭାବଶାଳୀ ଓ ପ୍ରାଣସ୍ପର୍ଶୀ। ଜଣେ ସମାଜ ସଚେତନ ଶିଳ୍ପୀ ଭାବରେ ସେ ସମାଜର ବିବିଧ ସମସ୍ୟାକୁ ସାହିତ୍ୟରେ ରୂପାୟିତ କରିଛନ୍ତି। ସମାଜର ନାନାବିଧ ଅନ୍ୟାୟ, ଅନୀତି, ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି। ହାସ୍ୟ ଓ ବ୍ୟଙ୍ଗ ମଧ୍ୟରେ କାରୁଣ୍ୟର ସ୍ୱର ସୃଷ୍ଟି କରିବା ତାଙ୍କ କଥା ସାହିତ୍ୟର ଅନ୍ୟତମ ଶୈଳୀ। ତାଙ୍କର ଭାଷା ଅତ୍ୟନ୍ତ ଗ୍ରାମ୍ୟ, ସରଳ ଓ ମନଛୁଆଁ।

ଏହି ମହାନ ସାରସ୍ୱତ ସାଧକଙ୍କର ଦେହାବସାନ ଘଟିଥିଲା ୧୯୧୮ ମସିହାରେ।

'ରାଣ୍ଡିପୁଅ ଅନନ୍ତା' ଗଳ୍ପରେ କଥାକାର ଏକ ଗ୍ରାମ୍ୟ, ଅପାଠୁଆ ବାଳକର ଚାରିତ୍ରିକ ମହତ୍ତ୍ୱକୁ ପ୍ରତିଷ୍ଠିତ କରିଛନ୍ତି। ତ୍ୟାଗ ହିଁ ମଣିଷକୁ ମହାନ କରେ। ଏହା ହିଁ ଏହି ଗଳ୍ପର ପ୍ରତିପାଦ୍ୟ ବିଷୟ।

## ଗଳ୍ପର ସାରାଂଶ :

ସୁବଳ ମହାକୁଡ଼ ଓରଫ ସୁବଳ ସିଂହ ଜଣେ ମଇଁଷିଆଳ। ମଇଁଷି ପଲ ଧରି ସେ ହରିଶପୁର ଜଙ୍ଗଲରେ ଘୂରି ବୁଲୁଥାଏ। ତା'ର ହାତରେ ଥାଏ ଚିତାଏ ଉଚ୍ଚର ଠେଙ୍ଗା, ପାଦରେ କଠଉ, ମୁଣ୍ଡରେ ତାଳପତ୍ରରେ ଟୋପରଟିଏ। ଜଣେ ନିର୍ଭୀକ ସେ। ଜଙ୍ଗଲର ହିଂସ୍ର ଜନ୍ତୁକୁ ତା'ର ଭୟ ନ ଥାଏ। ରାତିରେ ପଲା ଭିତରେ ପଡ଼ିଥାଏ। ପଲା ଚାରିପାଖେ ମଇଁଷିମାନଙ୍କ ମେଳ। ବର୍ଷା ହେଲେ ମଇଁଷିମାନଙ୍କ ମଇଳା ଓ ଧୂଳି ଧୋଇ ହୋଇ ପଲା ଭିତରେ ଲହଡ଼ି ଖେଳୁଥାଏ। ତାରି ଉପରେ ଚେଙ୍ଗ ମାଛ ପରି ସେ ଲଟପଟ ହେଉଥାଏ।

ସକାଳେ ତା'ର ପତ୍ନୀ ଦେବକୀ କାଣ୍ଡିଆ କୁଣ୍ଡା ମିଶା ସେରେ ଚାଉଳର ପୋଡ଼ପିଠା, ପାଞ୍ଚ ସେର ଅକାଣ୍ଡିଆ ବରଗଡ଼ା ଚାଉଳ, ଆଉ ଧୂଆଁପତ୍ର ବିଡ଼େ ଧରି ଗୋଠରେ ପହଞ୍ଚେ। ସୁବଳ ସେତିକି ହେଉଛି ଦୈନିକ ଖାଦ୍ୟ। ସୁବଳ ପିଠାଟି ଖାଇ ସେରେ ନିଛଡ଼ା ମଇଁଷି କ୍ଷୀର ପିଇଦିଏ। ଦିନ ଦ୍ୱିପହର ବେଳକୁ ରୋଷେଇ ଆରମ୍ଭ ହୁଏ। ଦେବକୀ ଚାଉଳ ପିଠାଟି ଦେଇ କ୍ଷୀରତକ ଆଣି ଘରକୁ ବାହୁଡ଼େ।

କାଳର ଗତି ବିଚିତ୍ର। ଅଚାନକ କାହୁଁ ଠାକୁରାଣୀ ଆସି ପଲରେ ପଶିଗଲା। ଦିନ ଆଠଟା ଭିତରେ ମଇଁଷି ଗୋଟିକ ପରେ ଗୋଟିଏ ମରିଗଲେ। ସୁବଳ ତୁଣ୍ଡରେ ହାତ ଦେଇ ବସିଲା। ମାତ୍ର ଦେବକୀ ତାକୁ ସାହସ ଦେଲା। ତା' ଭାଇ ବୃନ୍ଦାବାରିକ ଗୋଠରୁ ଦୁଇ କାଟ ଆଣି ବେପାର କରିବେ ବୋଲି କହିଲା। ଫଳରେ ବର୍ଷ ଦି'ଟା ଭିତରେ ସେମାନଙ୍କ ଗୋଠ ତିଆରି ହୋଇଯିବ।

Scanned with CamScanner

ସୁବଳକୁ ତା'ପରେ ଗୋଟିଏ କାମ ମିଳିଗଲା। ଜମିଦାରର ଚାରି ପଲରେ ସେ ସେଠ ହେଲା। ଏତେ ବଡ଼ ଚାକିରି ମିଳିଯିବାରୁ ଦେବକୀ ମଧ୍ୟ ଖୁବ୍ ଖୁସି ହେଲା।

ଏକଦା ମକ୍ରାମପୁର ଫାଣ୍ଡିକୁ ପୁଲିସ୍ ସାହେବ ଆସିଥା'ନ୍ତି। ସେ ଖୁବ୍ ଶିକାର ପ୍ରିୟ ଲୋକ। ଏକଦା ଗୋଟିଏ ପାଖରେ ପକ୍ଷୀ ଶିକାର କଲେ। ମାତ୍ର ପକ୍ଷୀଗୁଡ଼ିକ ଖଣ୍ଡିଉଡ଼ା ଦେଇ ପାଟ ଭିତରକୁ ପଡ଼ିଗଲେ। ପାଟରେ ଅଗାଧ ପାଣି। ପୁଣି କୁମ୍ଭୀର ଭୟ। କିଏ ବା ପଶି ପକ୍ଷୀଗୁଡ଼ିକୁ ଆଣିବ। କନେଷ୍ଟବଳମାନଙ୍କ ପୋଷାକ ଓଦା ହୋଇଯିବ। ଚଉକିଆଗୁଡ଼ାକ ଗାଉଁଲୀ, ପହଁରି ଜାଣନ୍ତି ନାହିଁ। ସେଠାରେ ସୁବଳ ପଲ ତନଖି କରିବାକୁ ଯାଇଥିଲେ। କାହାକୁ କିଛି ନ କହି ପାଟ ଭିତରେ ପୁଣି ଶିକାର ହୋଇଥିବା ପକ୍ଷୀମାନଙ୍କୁ ଆଣି ସାହେବ ଆଗରେ ଥୋଇଦେଲେ। ସାହେବ ଦେଖିଲେ, ଏ ଜଣେ ସାହାସୀ ଲୋକ। ତେଣୁ ତାକୁ କନେଷ୍ଟବଳ ଭାବରେ ନିଯୁକ୍ତ ଦେବାକୁ ଚାହିଁଲେ। ମାତ୍ର ସୁବଳ କହିଲା, ସେ ତା' ପତ୍ନୀକୁ ପଚାରିଲେ ସାହେବକୁ ଚାକିରି କରିବା କଥା ଜଣାଇବ। ମାତ୍ର ସୁବଳ ଭାଷା ସାହେବ ବୁଝି ପାରିଲେ ନାହିଁ। ଜମାଦାର ଇଂରେଜୀରେ ଏକଥା ସାହେବକୁ ବୁଝାଇ ଦେଲା। ସାହେବ ପକେଟ ନୋଟ୍‌ବୁକ୍‌ରେ ତା'ର ନାମ ସୁବଳ ସିଂହ ବୋଲି ଲେଖିଦେଲେ। ତା'ପରେ ତାକୁ ସାହେବଙ୍କ ଅର୍ଦ୍ଦଳି ଚାକିରି ମିଳିଗଲା।

ସୁବଳ ସିଂ ସାହେବଙ୍କ ଅର୍ଦ୍ଦଳି। ଦରମା ମାସକୁ ନଅ ଟଙ୍କା ଉପରି ମଧ୍ୟ କିଛି ରୋଜଗାର ହୁଏ। ସବୁଟଙ୍କାଟା ଦେବକୀ ହିସାବ କରିଦିଏ। ସୁବଳ ସିଂଙ୍କୁ ସାହେବ ସବୁବେଳେ ପାଖେ ପାଖେ ରଖିଥା'ନ୍ତି। ଏକଦା ପୁଲିସ୍ ସାହେବ, ମେଜେଷ୍ଟର ସାହେବ ମିଶି ଡୋମପଡ଼ା ବଣକୁ ଶିକାର କରିବାକୁ ଗଲେ। ମେଜେଷ୍ଟର ସାହେବ ଗୋଟିଏ କେନ୍ଦୁଆକୁ ଗୁଳି କରିଛନ୍ତି। ମାତ୍ର କେନ୍ଦୁଆଟି ଘାଇଲା ହୋଇ ଝୁମ୍ପୁଡ଼ି ଲତା ଗହଳରେ ପଶିଗଲା। ତା' ପାଖକୁ ବା କିଏ ଯିବ। କଥାରେ ଅଛି, ଘାଇଲା ବାଘ, ଧଇଲା ଯମ ଏକାକଥା। ପୁଲିସ୍ ସାହେବଙ୍କୁ କିଛି ବୁଦ୍ଧି ଦିଶିଲା ନାହିଁ। ସୁବଳ ସିଂହ ମଇଁଷି ମଣା ଠେଙ୍ଗା ଧରି ବାଘ ପାଖକୁ ଚାଲିଗଲା। ତା' ମୁଣ୍ଡରେ ଚାରି ପାହାର ଦେଇ ତା' ଲାଞ୍ଜ ଧରି ଭିଡ଼ି ଆଣି ମେଜେଷ୍ଟର ସାହେବଙ୍କ ଆଗରେ ପକାଇ ଦେଲେ। ସଙ୍ଗେ ସଙ୍ଗେ ତାକୁ କୋଡ଼ିଏ ଟଙ୍କା ବକ୍‌ସିସ୍ ମିଳିଲା। ଆଉ ମିଳିଲା ଜମାଦାର ଚାକିରି। ମାସକୁ ଦରମା ପନ୍ଦରଟଙ୍କା, ହେଲେ ସିଂହଙ୍କୁ କାଳ ସହିଲା ନାହିଁ। କାର୍ତ୍ତିକ ମାସିଆ ଛୁଟି ନେଇ ଘରକୁ ଆସିଛନ୍ତି। ଜ୍ୱରରେ ଆକ୍ରାନ୍ତ ହୋଇ ସେ ମୃତ୍ୟୁ ଲାଭ କଲେ।

ସ୍ୱାମୀଙ୍କ ମୃତ୍ୟୁରେ ଦେବକୀ କିନ୍ତୁ ସାହସ ହରାଇ ନ ଥିଲା। ସେ ନିଜ କୁଳ ବେଉସାରେ ଲାଗିପଡ଼ିଲା। ଦହି ବୋଝ ଦେଇ ଦାଣ୍ଡକୁ ବାହାରି ପଡ଼ିଲା। କୋଳରେ ଏକମାତ୍ର ପୁଅ ଅନନ୍ତା। ସେତେବେଳକୁ ତାକୁ ଚାରିବର୍ଷ ବୟସ। ତାକୁ ଅତ୍ୟନ୍ତ ସ୍ନେହ ଆଦରରେ ବଢ଼ାଇବାକୁ ଲାଗିଲା। ଅନନ୍ତା ତିନି ସେର ଚାଉଳର ଭାତ ଖାଏ। ଚୋପା ମିଶା ବିରିଡ଼ାଲିରୁ କଂସାଏ ପିଇଦିଏ। ଦିନକୁ ତା'ର ଚାରି ସେର ଦୁଧ ଦରକାର। ତା' ପାଇଁ ଦେବକୀ ଗାଈଟିଏ ପାଳିଥାଏ। ଅନନ୍ତା ଆସ୍ତେ ଆସ୍ତେ ବଡ଼ ହେଲା। ମାତ୍ର ଅସହଣି ଲୋକଗୁଡ଼ାକ ତା' ନାମରେ ବାରକଥା ଗପିଲେଣି। କିଏ କହିଲା, ମୋ' ବାଡ଼ିରୁ କାକୁଡ଼ି ଖାଇଗଲା, କିଏ କହିଲା, ମକା ଭାଙ୍ଗି ନେଇଗଲା। ଆମ୍ବ, କୟାଁ, କୋଳିଗଛରେ ଗଛ ଅନନ୍ତା ସବୁ ଖାଇଗଲା ବୋଲି ଦେବକୀ ପାଖକୁ ବାରମ୍ବାର ଅଭିଯୋଗ ଆସିଲା। ଏଥିରୁ ରକ୍ଷା ପାଇବାପାଇଁ ଦେବକୀ ଅନନ୍ତାକୁ ଗାଁ ଚାଟଶାଳୀରେ ବୈଷ୍ଣବ ମହାନ୍ତି ଅବଧାନଙ୍କ ପାଖରେ ପାଠ ପଢ଼େଇବ ବୋଲି ସ୍ଥିର କଲା।

ମାତ୍ର ଚାଟଶାଳୀରେ ବସିଲେ ଅନନ୍ତାର ପାଠରେ ମନ ନ ଥାଏ। ସେ ବଉଳ ଗଛକୁ ଚାହେଁ, କେଉଁଠି କୋଳି ପାଚିଛି। ତେନ୍ତୁଳି ଗଛକୁ ମାଙ୍କଡ଼ ଆସିଲେ ସେ ଗଛକୁ ଚଢ଼ି ମାଙ୍କଡ଼ ଲାଙ୍ଗୁଡ଼ ଧରି ତଳେ କଚାଡ଼ି ଦିଏ। ପିଲାଙ୍କ ସହିତ ଦୁଷ୍ଟାମି କରେ। ହେଲେ ଅବଧାନେ ଅନନ୍ତାକୁ କିଛି କହନ୍ତି ନାହିଁ। କାରଣ ଦେବକୀ ଅବଧାନଙ୍କୁ ମାଗଣାରେ ଦହିଦିଏ।

Scanned with CamScanner

ଅନନ୍ତାର ଦୁଷ୍ଟାମିରେ ସମସ୍ତେ ଅତିଷ୍ଟ ହୋଇଗଲେ। ଅବଧାନେ ଆଉ ସମ୍ଭାଳି ପାରିଲେ ନାହିଁ। ବେତରେ ଖୁବ୍ ଜୋରରେ ପିଟିଲେ। ମାତ୍ର ଅନନ୍ତାର ସ୍ୱଭାବର କୌଣସି ପରିବର୍ତ୍ତନ ହେଲା ନାହିଁ। ଦିନେ ଅବଧାନେ କ୍ରୋଧାନ୍ୱିତ ହୋଇ ତାକୁ ବିଛୁଆତିରେ ବାଡ଼େଇଲେ। ତା' ପରଦିନ ଅନନ୍ତା ସୁନାପିଲା ପରି ପାଠ ମଡ଼ାଇଲା।

ଦିନେ ଅବଧାନେ ପାଇଖାନା ଯିବେ ବୋଲି ଅନନ୍ତାକୁ ପାଣି ଆଣିବାକୁ କହିଲେ। ଅନନ୍ତା ପାଣି କଳସୀ ଆଣି ଅବଧାନଙ୍କୁ ଦେଲା। ଅବଧାନେ ପିକା ଟାଣି ଟାଣି ପାଣି ନେଇ ବାହାରି ଗଲେ।

ଅଧଘଣ୍ଟା ପରେ ଅବଧାନେ ଅତି ବିକଳ ଅବସ୍ଥାରେ ଧାଇଁ ଆସୁଥିବାର ଦେଖାଗଲା। ଲୁଗାପଟାର ଠିକ୍ ଠିକଣା ନାହିଁ। "ରେ ଖଳପାଇସିଆରେ! ରେ ସର୍ବନାଶିଆ ଅନ୍ତାରେ! ମାରିପକାଇଲାରେ!' ଆଦି ଚିତ୍କାର କରୁଥା'ନ୍ତି। ଅବଧାନ ଆସୁଥିବାର ଦେଖି ଅନନ୍ତା ଚାଟଶାଳୀ ଛାଡ଼ି ଚାଲିଗଲା। ଚାଟଶାଳୀରେ ଅବଧାନେ ଏ ମୁଣ୍ଡରୁ ସେ ମୁଣ୍ଡ ଗଡୁଥା'ନ୍ତି। ପାଣି ପାଣି ଚିତ୍କାର କରୁଥା'ନ୍ତି। ଗୋଟିଏ ପିଲା ଧାଇଁଯାଇ ରୋଷେଇ ଘରୁ ପାଣି କଂସାଏ ଆଣି ଦେଲା। ସେ ପାଣି ମନ୍ଦାକ କୁଲୁକୁଆ କରିଛନ୍ତି କି ନାହିଁ, ବୋପାଲୋ ମା'ଲୋ କହି ଗର୍ଜନ କଲେ। ମୁହଁ ଫୁଲିଗଲା। ଆଖିପତା ଫୁଲିଗଲା। ଲୋକମାନେ ତାଙ୍କୁ ନେଇ ପାଣିରେ ପକାଇଦେଲେ।

ସଞ୍ଜବେଳକୁ ସେ ପାଣିରୁ ଉଠିଆସିଲେ। ଗାଁ ଲୋକେ ଗରମ କ୍ଷୀର ପିଇବାକୁ ଦେଲେ। ଆଲୋଚନାରୁ ଜଣାପଡ଼ିଲା ଅନନ୍ତା ପାଣିରେ ବାଇଡ଼ଙ୍କ ଆଂଶ ମିଶାଇ ଅବଧାନଙ୍କୁ ଏ ଦଶା ଦେଇଛି। ଅବଧାନେ ରାଗ ଗରଗର ହୋଇ ବେତ ଖଣ୍ଡିଏ ଧରି ଦେବକୀ ଘରଆଡ଼େ ଧାଇଁଗଲେ। ଖଣ୍ଡେ ବାଟରୁ "ଲୋ ଦେବକୀ ଗଉଡୁଣୀ, ସେ ରାଣ୍ଡି ପୁଅ ଅନନ୍ତା ଅଳପାଇସିଆ କାହିଁ" ବୋଲି ଡ଼ାକ ଦେଲେ।

ଅବଧାନଙ୍କ ଡ଼ାକ ଶୁଣି ଦେବକୀ ଘର ଭିତରୁ ବାହାରି ଆସିଲା। କହିଲା, ଆରେ ଆଳପାଇସିଆ! ମାହାନ୍ତ ଗୋଲାମ୍! ଡାକୁଣିଖିଆ, ନଈଶୁଆ! ମୋ' ଗିରସ୍ତ ଥିଲା ସାଇବର ଜମିଦାର। ମୁଁ ସିଂହାଣୀ-ମୋତେ କହିବୁ ଦେବକୀ ଗଉଡୁଣୀ? ମୋ' ପୁଅକୁ କହିବୁ ଅଳପାଇସିଆ? କିରେ ତୋତେ କିସ ଲାଗିଲାଣି କି? ରହ ତ ମାହାନ୍ତି ଟୋକାକୁ ଦେଖେଁ।"

କ୍ରୋଧ ଜର୍ଜରିତ ଦେବକୀର କାନ୍ଧରେ ଠେଙ୍ଗାଟିକୁ ଦେଖି ଅବଧାନେ ପ୍ରାଣ ବିକଳରେ ସେଠାରୁ ପଳାଇ ଆସିଲେ। କାରଣ ଦେବକୀର ବଳ ତାଙ୍କୁ ଭଲଭାବେ ଜଣା। ଏକଦା ବିନୋଦ ବିହାରୀ ମନ୍ଦିର ମାରଣା ଷଣ୍ଡର ଶିଙ୍ଗ ଧରି ସେ ନଈବନ୍ଧ ତଳକୁ ଠେଲି ଦେଇଥିଲା। ସେଇଦିନଠୁ ଷଣ୍ଢଟି ଛୋଟା ହୋଇଯାଇଛି ଓ ତା'ର ମାରଣା ପଣିଆ ଆଉ ନାହିଁ।

ଦେବକୀ ଭାଲୁକୁଣୀ ପରି ମୁଣ୍ଡ ମୁକୁଳା କରି ଧାଇଁଚି ଅବଧାନଙ୍କ ପଛରେ। ତା'ର ରଡ଼ିରେ ଗାଁ କମ୍ପି ଉଠୁଛି। ଅବଧାନେ ଗାଁ ମଝିରେ କେଉଁଠି ଅନ୍ଧାରରେ ମିଶିଗଲେ। ତହିଁଆରଦିନ ତାଙ୍କୁ ଆଉ କେହି ଗାଁରେ ଦେଖି ନାହିଁ।

ଏହା ଭିତରେ ଆହୁରି ପାଞ୍ଚ ଛଅ ବର୍ଷ ବିତି ଯାଇଛି। ଅନନ୍ତାର ଦୁଷ୍ଟପଣ ମଧ୍ୟ ଖୁବ୍ ବଢ଼ିଯାଇଛି। ତାକୁ ଚିଡ଼େଇ ଦେଲେ ଆଉ ରକ୍ଷା ନାହିଁ। ସେ ଘରର ଖୁଣ୍ଟ କବାଟ ଭାଙ୍ଗି ଦେବ। କିନ୍ତୁ ତାକୁ ଟେକାଟେକି କରି କଅଁଳେଇ କହିଦେଲେ ସେ ଲୋକଙ୍କର ଯାବତୀୟ ଅସାଧ୍ୟ କାର୍ଯ୍ୟକୁ ମଧ କରିଦେବ। ତେଣୁ ଲୋକେ ତାକୁ କୋମଳ କଥା କହି ତା'ଠାରୁ କାମ ଆଦାୟ କରି ନିଅନ୍ତି।

ଏକଦା ଭାର୍ଗବୀ ନଦୀରେ ବନ୍ୟା ଆସିଲା। ଦଶହରା ସମୟ। ଗାଁରେ ନାଟ ତାମସା ଚାଲିଛି। ଆରମ୍ଭ ହେଲା ବର୍ଷା। ଦୀର୍ଘ ଚାରିଦିନ ଧରି ବର୍ଷା ହେଲା। ନଦୀ ଏ କୂଳ ସେ କୂଳ ଖାଇଲା। ନଦୀବନ୍ଧ ତଳେ ଗାଁ। ଗାଁରେ ଚହଳ ପଡ଼ିଗଲା। ବନ୍ଧରେ ଘାଇଟିଏ ହୋଇ ଗାଁରେ ପାଣି ପଶିଲା। ଗାଁ ଲୋକେ ଘାଇ ମୁହଁରେ ମାଟି ପକାଉଛନ୍ତି। ସୁଅ ସବୁ ଭସାଇ ନେଉଥାଏ। ସ୍ତ୍ରୀ ଲୋକମାନେ ଘରୁ ବାହାରି ହୁଳହୁଳି ପକାଉଛନ୍ତି। ଶଙ୍ଖ ହୁଳହୁଳି ହରିବୋଲ ଆଉ କାନ୍ଦଣା ଶବ୍ଦରେ ଗାଁଟି ଉଛୁଳି ଉଠୁଛି। ଅନନ୍ତାକୁ କିନ୍ତୁ ଏସବୁ ଜଣାନାହିଁ। ସୁଅରେ ଭାସିଆସୁଥିବା ମକା କାକୁଡ଼ିକୁ ସେ ଅଣ୍ଟାରେ ପୁରାଇବାରେ ବ୍ୟସ୍ତ।

Scanned with CamScanner

ପାଟିତୁଣ୍ଡ ଅଧିକ ହେବାକୁ କ'ଣ ହେଉଛି ଦେଖିବାକୁ ଆସିଲା। ଦେଖିଲା ଗାଁ ଭିତରକୁ ପାଣି ସୁଅ ଧାଇଁଛି। ଶୁଣିଲା ଗାଁ ଭାସିଯିବ। ସେ ତତ୍‌କ୍ଷଣାତ୍ ବିନୋଦ ବିହାରୀ ମନ୍ଦିରର ଚଉଡ଼ା କବାଟଟି ଧରି ଧାଇଁଲା। ଆସିଲାବେଳେ ପାର୍ବତୀ ମାଆର ଢ଼ିଙ୍କିଟାକୁ ମଧ୍ୟ କାଖରେ ନେଇ ଆସିଥିଲା। ଘାଇ ମୁହଁରେ କବାଟଟିକୁ ରଖି ଢ଼ିଙ୍କିକୁ ଦେଇଦେଲା ଓ ପାଟିକରି ମାଟି ପକାଇବାକୁ କହିଲା। ଲୋକମାନେ ମାଟି ପକାଇଲେ। ଅନନ୍ତାର ଛାତିଯାଏ ପୋତି ହୋଇଗଲାଣି। ସେ ସେମିତି ମାଟି ପକାଇବାକୁ କହୁଥାଏ। ଲୋକମାନେ ମାଟି ପକାଉଥା'ନ୍ତି। ତା'ର ବେକ ପୋତି ହୋଇଗଲା। ପରେ ମଧ୍ୟ ସେ ସେମିତି ଡାକ ଛାଡୁଥାଏ ମାଟି ପକାଇବାକୁ। ଶେଷରେ ମାଟିତଳେ ପୋତି ହୋଇଗଲା ଅନନ୍ତା। ପାଣି ସୁଅଟା ମଧ୍ୟ ବନ୍ଦ ହୋଇଗଲା। ତା'ପରେ ଲୋକଙ୍କର ଚେତା ପଶିଲା। ସେମାନେ ଅନନ୍ତାକୁ ଖୋଜିଲେ। ହେଲେ ଅନନ୍ତା କାହିଁ? ସବୁରି ମୁହଁରେ ଶୁଣାଗଲା, "ଧନ୍ୟ ଧନ୍ୟ ରାଣ୍ଡି ପୁଅ ଅନନ୍ତା।"

ଅନନ୍ତା ମାଆ ନଈବନ୍ଧ ଆଡ଼େ ଆସିଲା। ସମସ୍ତେ କହୁଥା'ନ୍ତି ଧନ୍ୟ ଧନ୍ୟ ଅନନ୍ତା। ସେ ସବୁକଥା ଶୁଣିଲା। ବନ୍ଧକୁ ଅନାଇଲା। କିନ୍ତୁ କ'ଣ ହେଲା କେଜାଣି, ହଠାତ୍ ନଦୀ ଭିତରକୁ ଖସିପଡ଼ିଲା। ତା' ଜୀବନର ମଧ୍ୟ ସେଇଠି ପରିସମାପ୍ତି ଘଟିଲା।

## ଦୀର୍ଘଧର୍ମୀ ପ୍ରଶ୍ନୋତ୍ତର

**ପ୍ର(୧) 'ତ୍ୟାଗ ହିଁ ମଣିଷକୁ ମହାନ କରେ' ପଠିତ ଗଳ୍ପରୁ ଏହାର ସତ୍ୟତା ପ୍ରତିପାଦନ କର।**

**କିମ୍ବା; ଅନନ୍ତାର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚନା କର।**

**ଉ:** ତ୍ୟାଗ ହିଁ ମଣିଷକୁ ମହାନ୍ କରେ। ସମାଜର ମଙ୍ଗଳପାଇଁ, ଅନ୍ୟର ସେବାପାଇଁ ଯିଏ ନିଜକୁ ଉତ୍ସର୍ଗ କରେ। ସେ ହୁଏ ଆଦରଣୀୟ, ବନ୍ଦନୀୟ। ସମସ୍ତେ ତା'ର ପ୍ରଶଂସା ଗାନ କରନ୍ତି। ତା'ର ମହାନତାପାଇଁ ତାକୁ ପୂଜା କରନ୍ତି। ମୃତ୍ୟୁ ପରେ ତା'ର ତ୍ୟାଗ ହିଁ ତାକୁ ଅମର କରି ରଖେ ଯୁଗଯୁଗ ପାଇଁ। 'ରାଣ୍ଡିପୁଅ ଅନନ୍ତା' ଗଳ୍ପରେ ଗାଳ୍ପିକ ଫକୀର ମୋହନ ଏହି ସତ୍ୟକୁ ହିଁ ପ୍ରତିପାଦିତ କରିଛନ୍ତି।

ସୁବଳ ମହାକୁଡ଼ର ପୁତ୍ର ଅନନ୍ତା। ସୁବଳର ମୃତ୍ୟୁ ବେଳକୁ ତା'ର ବୟସ ଚାରିବର୍ଷ। ପିତାର ମୃତ୍ୟୁ ପରେ ମାଆ ଦେବକୀ ତାକୁ ଆଦର ଯତ୍ନରେ ବଢ଼େଇବାକୁ ଚେଷ୍ଟା କରିଛି। ସଞ୍ଜବେଳେ କାମ ପାଇଟିରୁ ଆସି ତାକୁ କୋଳରେ ଧରି ଗେଲ କରେ। ଗୀତ ବୋଲି ଝୁଲାଉଥାଏ। ତା'ର ଖାଇବାପିଇବାର ଯତ୍ନ ନିଏ। ଏମିତି ଏମିତି ଅନନ୍ତାକୁ ଦଶବରଷ ହୋଇଯାଇଛି। ତା'ର ଦୁଷ୍ଟାମି ମଧ୍ୟ ଏହା ଭିତରେ ଖୁବ୍ ବଢ଼ିଯାଇଛି। ମାଆ ଦେବକୀକୁ ବାହାର ଲୋକମାନଙ୍କଠାରୁ ବହୁ କଥା ଶୁଣିବାକୁ ମିଳିଛି। କିଏ କହୁଛି, ମୋ' ବାଡ଼ିରୁ କାକୁଡ଼ି ଖାଇଗଲା। କିଏ କହୁଛି, ଆମ୍ବ, କୟାଁ, କୋଳି ଗଛରେ ଚଢ଼ି ଅନନ୍ତା ସବୁ ଖାଇଗଲା। ସବୁ ଶୁଣିଲା ପରେ ମଧ୍ୟ ଦେବକୀ ପୁଅକୁ କିଛି କହିପାରେ ନାହିଁ।

ଦିନେ ଦେବକୀ ଭାବିଲା, ଅନନ୍ତାକୁ ଚାଟଶାଳୀରେ ପାଠ ପଢ଼େଇବ ପୁଅକୁ ନେଇ ବୈଷ୍ଣବ ମହାନ୍ତି ଅବଧାନଙ୍କ ପାଖରେ ଛାଡ଼ିଲା। ପୁଅକୁ ଭଲ ପଢ଼ାଇବେ ଭାବି ଦେବକୀ ମାଗଣାରେ ଅବଧାନଙ୍କ ପାଖରେ ଦହି ଅଜାଡ଼ିଲା। ମାତ୍ର ଦେଖାଗଲା ଅନନ୍ତାର ପାଠପଢ଼ାରେ ଆଗ୍ରହ ନାହିଁ। ପାଠ ମଡ଼ାଇଲାବେଳେ ସେ ଗଛ ଉପରକୁ ଚାହେଁ। କୋଳି କେଉଁଠି ପାଚିଛି ଲକ୍ଷ୍ୟ କରେ। ଗଛ ଉପରେ ମାଙ୍କଡ଼କୁ ଦେଖିଲେ ଗଛରେ ଚଢ଼ି ମାଙ୍କଡ଼ର ଲାଙ୍ଗୁଡ଼ ଧରି ତଳେ କଚାଡ଼ି ଦିଏ। ଚାଟଶାଳୀରେ ପିଲାମାନଙ୍କୁ ମଧ୍ୟ ହଇରାଣ କରେ। ମାତ୍ର ଅବଧାନେ ଦହି ପାଇବା ଲାଳସାରେ ଅନନ୍ତାକୁ ବାଡ଼ାନ୍ତି ନାହିଁ କିମ୍ବା ଦେବକୀକୁ କିଛି କହନ୍ତି ନାହିଁ। ମାତ୍ର ଅନନ୍ତାର ଦୁଷ୍ଟାମି ବଢ଼ିଯିବାରୁ ବାଧ୍ୟ ହୋଇ ଅବଧାନେ ତାକୁ ବେତରେ ପିଟିଛନ୍ତି। ତା'ର ସ୍ୱଭାବରେ କିନ୍ତୁ କୌଣସି ପରିବର୍ତ୍ତନ ଆସିନାହିଁ। ଅବସ୍ଥା ଅଣାୟତ୍ତ ହେବାକୁ ଦିନେ କ୍ରୋଧାନ୍ୱିତ ହୋଇ

Scanned with CamScanner

ଅବଧାନେ ଅନନ୍ତାକୁ ବିଛୁଆତିରେ ପିଟିଛନ୍ତି। ଏଥିରେ ଅନନ୍ତା ପ୍ରତିଶୋଧ ପରାୟଣ ହୋଇଉଠିଛି। ମାତ୍ର ବାହାରକୁ ସେ ସୁଧାର ପିଲା ଭଳି ଆଚରଣ କରିଛି।

ଦିନେ ଅବଧାନେ ପାଇଖାନା ଯିବେ ବୋଲି ଅନନ୍ତାକୁ ପାଣି ଆଣିବାକୁ କହିବାରୁ ଅନନ୍ତା ସେହି ପାଣିରେ ବାଇଡଙ୍କ ମିଶାଇ ଦେଇଛି। ତାଙ୍କ ରୋଷେଇ ଘର ପାଣିରେ ମଧ୍ୟ ବାଇଡଙ୍କ ମିଶାଇବାକୁ ଛାଡ଼ି ନାହିଁ। ଏଥିପାଇଁ ଅବଧାନଙ୍କୁ ଅନେକ ହୀନସ୍ତା ହେବାକୁ ହୋଇଛି। ସେ ଅନେକ କଷ୍ଟ ପାଇଛନ୍ତି। କ୍ରୋଧ ଜର୍ଜର ହୋଇ ଦେବକୀ ଘରୁ ଯାଇ ଅନନ୍ତାକୁ ଗାଳି ଦେଇଛନ୍ତି। ପୁଅକୁ ଗାଳିଦେଇଥିବାରୁ ଦେବକୀ ମଧ୍ୟ ଅବଧାନଙ୍କ ପ୍ରତି ହିଂସ୍ର ହୋଇଉଠିଛି।

ଅନନ୍ତା ଗାଁ ସାରା ବୁଲି କେବଳ ଦୁଷ୍ଟ ବୁଦ୍ଧି ବାହାର କରିଛି। ଲୋକଙ୍କ ବାଡ଼ିଘରୁ ଫଳମୂଳ ଚୋବାଇ ଖାଉଛି। କାହାରି ବାଡ଼ିରେ ମକା, କାକୁଡ଼ି, କୋଳି ଆମ୍ବ ବେଲ କିଛି ରଖାଇ ଦେଇନାହିଁ। କିନ୍ତୁ କଅଁଳ କଥାରେ ତାକୁ ପ୍ରଶଂସା କରି କହିଦେଲେ ସେ ଲୋକଙ୍କ ଅସାଧ୍ୟ କାର୍ଯ୍ୟକୁ ମଧ୍ୟ ସାଧନ କରିଦେଇଛି। ଏମିତି ସେ କାହାର ମାଟି ହାଣିଛି ତ, କାହାର ଘର ଛପର କରିଛି। ଆଉ କାହାର ଶବ ଏକାକୀ ଉଠିନେଇଛି।

କିନ୍ତୁ ଦିନେ ବିନ୍ଦିଆ ତନ୍ତୀ ଦୁଇଟା ଖମ୍ବ ଉଠାଇବା ପାଇଁ ତାକୁ ଦୁଇ ଟଙ୍କା ଯାଚିବାର ଅବସ୍ଥା ଅସମ୍ଭାଳ ହୋଇଯାଇଛି। ସେ ବିନ୍ଦିଆକୁ ଗାଳି ଦେଇ ତାର ପୋତା ହୋଇଥିବା ସମସ୍ତ ଖମ୍ବକୁ ଉପାଡ଼ି ଦେଇଛି। ତେଣୁ ଲୋକେ ତାକୁ କଅଁଳ କଥା କହି ତା'ଠାରୁ କାମ ଆଦାୟ କରି ନିଅନ୍ତି।

ତେବେ ମୁଖ୍ୟ କଥା ହେଉଛି ଅନନ୍ତା ଗାଁର ଏକ ହୁରୁମା ଏକଜିଦିଆ ବାଳକ। ତା'ର ଦୁଷ୍ଟ ପଣରେ ସମସ୍ତେ ବ୍ୟଥିତ। କିନ୍ତୁ ସେ ତା' ଜୀବନରେ ଏପରି ଏକ କାମ କରିଛି ଯେଉଁଥିପାଇଁ ତା' ପ୍ରଶଂସାରେ ସମସ୍ତେ ଶତମୁଖ ହୋଇଛନ୍ତି।

ଏକଦା ଭାର୍ଗବୀ ନଦୀରେ ବନ୍ୟା ଆସିଛି। ଦଶହରା ସମୟରେ ଦୀର୍ଘ ଚାରିଦିନ ବର୍ଷା ହେତୁ ନଦୀ ଜଳ ଆଶାତୀତ ଭାବରେ ବଢ଼ିଯାଇଛି। ନଦୀବନ୍ଧ ତଳେ ବିନୋଦରାୟପୁର। ନଦୀବନ୍ଧରେ ଘାଇ ହୋଇ ପଶି ଗାଁ ଭିତରକୁ ପଶିଛି। ଗାଁ ଲୋକେ ସାଧ ମତେ ମାଟି ପକେଇ ଜଳସ୍ରୋତକୁ ବନ୍ଦ କରିବାକୁ ଆତଙ୍କିତ ହୋଇ ଉଠିଛନ୍ତି। ହରିବୋଲ ହୁଳହୁଳା ଶବ୍ଦରେ ଗାଁ ଦାଣ୍ଡ ଉଛୁଳି ପଡ଼ିଛି। ଅନନ୍ତା ଏସବୁ ବିଷୟ ଜାଣି ନାହିଁ। ବନ୍ୟା ଜଳରେ ଭାସି ଆସୁଥିବା ମକା, କାକୁଡ଼ି ସଂଗ୍ରହ କରିବାରେ ସେ ବ୍ୟସ୍ତ ଥାଏ। କୋଳାହଳ ଅଧିକ ହେବାରୁ ସେ ଗାଁ ଆଡ଼କୁ ଆସିଲା, ଗାଁ ଭିତରକୁ ପାଣିର ସୁଅ ଛୁଟୁଥିବାର ଦେଖି ସେ ବିନୋଦବିହାରୀ ମନ୍ଦିରର ଏକ ବିଶାଳକାୟ କବାଟକୁ ଟେକି ଆଣିଲା। ପାର୍ବତୀ ମା' ମେଲାରୁ ମଧ୍ୟ ଆଣିଲା ଢ଼ିଙ୍କିଟିଏ। ଘାଇ ମୁହଁରେ କବାଟ ଦେଇ ଢ଼ିଙ୍କିକୁ ଠେକ ଦେଇଦେଲା। କବାଟକୁ ପିଠିକରି ଠେଲିଧରି ମାଟି ପକାଇବାକୁ କହିଲା। ଗାଁ ଲୋକେ ଜୀବନ ବିକଳରେ ମାଟି ପକେଇଲେ। ଅନନ୍ତା ସେହି ମାଟି ଭିତରେ ଛାତିଯାଏ ପୋତି ହୋଇଗଲାଣି; ତଥାପି କହୁଥାଏ ମାଟି ପକାଇବା ପାଇଁ। ମାଟି ତା'ର ବେଳ ଛୁଇଁଲା, ଦୁଇ ଓଠ ଛୁଇଁଲା। ତଥାପି ହରିବୋଲ ପକାଇ ମାଟି ପକାଇବାକୁ କହୁଥାଏ।

ବିପନ୍ନ ଲୋକମାନେ ଜୀବନ ବିକଳରେ ମାଟି ପକେଇଲେ। ମାଟି ତଳେ ପୋତି ହୋଇଗଲା ଅନନ୍ତା। ଘାଇର ସ୍ରୋତ ବନ୍ଦ ହୋଇଗଲା। ଲୋକେ ଆଶ୍ୱସ୍ତ ହେଲେ। ଖୋଜିଲେ ଅନନ୍ତାକୁ। ମାତ୍ର ଅନନ୍ତାକୁ ମାଟି ତଳେ ପିଣ୍ଡୁଳାଏ ହୋଇଯାଇଥିଲା।

ତା'ପରେ ଲୋକ ମୁଖରେ ଖାଲି ପ୍ରଶଂସା ଶୁଣିବାକୁ ମିଳିଲା। ସମସ୍ତେ କହିଲେ ଧନ୍ୟ ଧନ୍ୟରେ ରାଣ୍ଡିପୁଅ ଅନନ୍ତା। ଦେବକୀ ଗାଁ ଦାଣ୍ଡରେ ଚାଲିଯାଉଥିଲା। ଶୁଣିଲା ସମସ୍ତେ କହୁଛନ୍ତି ଧନ୍ୟ ଧନ୍ୟ ଅନନ୍ତା। ଲୋକମାନେ ତା'ର ଗୋଡ଼ ତଳେ ପଡ଼ି କହିଲେ, 'ଧନ୍ୟ ଧନ୍ୟ ତୋ ପୁଅ।' ଦେବକୀ ସବୁ କଥା ବୁଝିଗଲା। ହେଲେ କାହାକୁ କିଛି କହିଲା ନାହିଁ। ଖାଲି ବନ୍ଧ ଚାରିପାଖ ବୁଲି ଦେଖିଲା। ତା'ର ମଧ୍ୟ ସେଇଠି ଘଟିଲା ସଲିଳ ସମାଧି।

Scanned with CamScanner

ଅନନ୍ତାର ଶତ ଦୁଷ୍ଟପଣ ସତ୍ତ୍ୱେ ତ୍ୟାଗ ହିଁ ତାକୁ ମହୀୟାନ କଲା। ନିଜ ଗାଁର ଧନ ଜୀବନର ସୁରକ୍ଷାପାଇଁ ସେ ପ୍ରାଣପାତ କରିଥିବାରୁ ସବୁରି ନିକଟରେ ସେ ଜଣେ ବନ୍ଦନୀୟ ଭାବରେ ଉଦ୍‌ଭାସିତ ହେଲା। ତା'ର ପ୍ରଶଂସାରେ ଲୋକମାନେ ଶତମୁଖ ହେଲେ। ତ୍ୟାଗପୂତ ଜୀବନ ହିଁ ଶ୍ରେଷ୍ଠ ଜୀବନ ଏହା ହିଁ ଗାଳ୍ପିକ ପ୍ରତିପାଦିତ କରିଛନ୍ତି ଏହି ଗଳ୍ପରେ।

**ପ୍ର.୨। ଦେବକୀର ଚରିତ୍ର ଚିତ୍ରଣ କର।**

**ଉ:** କଥାକାର ଫକୀର ମୋହନ ସେନାପତି ଗ୍ରାମ୍ୟ ଜୀବନର ରୂପକାର। ଗାଁର ହସ, କାନ୍ଦ, ଭଲ, ମନ୍ଦ ଚିତ୍ର ଓ ଚରିତ୍ର ସହିତ ସେ ଏକାତ୍ମ ହୋଇଛନ୍ତି। ସାହିତ୍ୟରେ ସେସବୁକୁ ଅତି ଅନ୍ତରଙ୍ଗ ଭାବରେ ରୂପାୟିତ କରିବାପାଇଁ ମଧ୍ୟ ଚେଷ୍ଟା କରିଛନ୍ତି।

ଏକ ଗ୍ରାମ୍ୟ ଜୀବନର କାହାଣୀକୁ ନେଇ ସେ ରଚନା କରିଛନ୍ତି ଗଳ୍ପ 'ରାଣ୍ଡିପୁଅ ଅନନ୍ତା' ଏହି ଗଳ୍ପରେ ଦେବକୀ ଅନ୍ୟତମ ଚରିତ୍ର। ଗାଁର ମଣିଷ ସେ। ଗ୍ରାମ୍ୟ ଜୀବନଧାରାର ସମସ୍ତ ବୈଶିଷ୍ଟ୍ୟ ଗାଳ୍ପିକ ଏହି ଚରିତ୍ରଟାରେ ନିହିତ କରିଛନ୍ତି।

ଦେବକୀର ସ୍ୱାମୀ ସୁବଳ ଜଣେ ମଇଁଷିଆଳ। ହରିଶପୁର ଜଙ୍ଗଲରେ ସେ ମଇଁଷି ଜଗେ। ଦେବକୀ ପ୍ରତିଦିନ ସକାଳେ କୁଣ୍ଡାମିଶା ସେରେ ଚାଉଳରେ ପୋଡ଼ପିଠା କରି ତାକୁ ଖାଇବାକୁ ଦେଇଆସେ। ଆଉ ଦେଇଆସେ ସେରେ ବଗଡ଼ା ଚାଉଳ ରୋଷେଇ ପାଇଁ ଓ ବିଡ଼ାଏ ଧୂଆଁ ପତ୍ର। ସାଥିରେ ନେଇଆସେ ମଇଁଷି କ୍ଷୀରତକ। କ୍ଷୀରରୁ ଦହି ତିଆରି କରି ତା'ର କୁଳ ବେଉସାକୁ ବଜାୟ ରଖେ।

ଦେବକୀ ଜଣେ ସାହସିନୀ ମହିଳା। ଜୀବନର ଦୁଃଖ ଦୁର୍ଭାଗ୍ୟକୁ ସାମ୍ନା କରିବାର ଯଥେଷ୍ଟ ମନୋବଳ ନିଜ ଭିତରେ ସାଇତି ରଖିଛି ସେ। ଯେତେବେଳେ ସୁବଳର ମଇଁଷି ପଲ ଅଜଣା ରୋଗରେ ମରିଗଲେ ଓ ସୁବଳ ଦୁଃଖରେ ଭାଙ୍ଗିପଡ଼ିଲା, ସେତେବେଳେ ଦେବକୀ ତାକୁ ହିମ୍ମତ ଦେଇଛି। କହିଛି ସେ ତା' ଗାଈଗୋଠରୁ ବୃନ୍ଦାବାରିକ ଗୋଠରୁ ଦୁଧ କାଟ ଆଣି ବେପାର କରିବ। ପୁଣି ବର୍ଷ ଦି'ଟାରେ ତିଆରି କରି ଦେବ ଗୋଠଟିଏ। ପୁଣି ସ୍ୱାମୀଙ୍କର ମୃତ୍ୟୁ ପରେ ସେ ମଧ୍ୟ ଭାଙ୍ଗିପଡ଼ି ନାହିଁ, ବରଂ ପୁଣି ଜୀବନ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଛି। ତା'ର ଦହି ବ୍ୟବସାୟରେ ସେ ଲାଗିପଡ଼ିଛି। ପୁଅର ଯତ୍ନ ନେଇଛି।

ଗ୍ରାମ୍ୟ ଜୀବନର ମଣିଷ ଭାବରେ ଗ୍ରାମ୍ୟ ବିଶ୍ୱାସ ଭିତରେ ବଞ୍ଚିଛି ଦେବକୀ। ପ୍ରତିଦିନ ସକାଳୁ ଉଠି ପୁଅକୁ ତେଲ ହଳଦୀ ଲଗାଇ ଦେଇ କାଠପାନିଆରେ ମୁଣ୍ଡ କୁଣ୍ଡାଇ ଜଟ ବାନ୍ଧି ଦେଇ ପୁଅକୁ ଟିକିଏ ଚାହିଁରହେ। ପୁଅର ସୁନ୍ଦର ଠାଣିରେ ତା'ର ମନ ପୁରି ଉଠେ। ଜିଭ କାମୁଡ଼ି କହେ, "ମା' ଡାହାଣୀ। ସୁନ୍ଦର ମୁହଁଟିକୁ ମୁଁ ଚାହିଁଛି" ପୁଅଠାରେ କାହାର ନଜର ଲାଗିଯିବ ବୋଲି ତୁଳସୀ ମୂଳରୁ ଟିକିଏ ମାଟି ଆଣି ପୁଅ ମୁଣ୍ଡରେ ଚିତା କରିଦିଏ। ଜଟ ଉପରେ ଟିକିଏ ଗୋବର ଲଗାଇଦିଏ। ବେକରେ ଗୋଟିଏ ଘୁଷୁରୀ ଥୋମଣୀ, ଗୋଟାଏ ତମ୍ବା ଡେଉଁରିଆ ଭିତରେ ମହାଦେବ ବେଲପତ୍ରୀ, ଦିକଡ଼ା କାଣୀ କଉଡ଼ି, ଚାରିଟା ରୁପା ଡେଉଁରିଆ ମୂଳ ମୂଳିକା ହାର କରି ପୁଅ ବେକରେ ଗଳେଇ ଦେଇଥାଏ।

ଦେବକୀ ପୁଅର ଦୁଷ୍ଟପଣ କଥାକୁ କେହି କହେ। ତା' ବାଡ଼ିରୁ କାକୁଡ଼ି ଖାଇଗଲା। ଆମ୍ବ କୟାଁ କୋଳି ଖାଇଗଲା। ସମସ୍ତେ ଆସି ଦେବକୀ ଆଗରେ ଅଭିଯୋଗ କରନ୍ତି; ମାତ୍ର ଦେବକୀ ଏସବୁକୁ ବିଶ୍ୱାସ ଯାଏ ନାହିଁ। ଭାବେ ଅସହୁଣୀ ଲୋକଗୁଡ଼ାକ ଅନନ୍ତାକୁ ଦେଖିପାରନ୍ତି ନାହିଁ ବୋଲି ଏପରି କହୁଛନ୍ତି। ତେଣୁ ସେ ଅନନ୍ତାକୁ କିଛି କହେ ନାହିଁ। ଏହା ପ୍ରମାଣ କରେ ଯେ ସେ ଅନନ୍ତକୁ ଅତିଶୟ ଶ୍ରଦ୍ଧା କରେ। ତେଣୁ ତା'ର ଦୁଷ୍ଟପଣ ତା' ଆଖିରେ ପଡ଼େ ନାହିଁ। ଏହାର ଆଉ ଏକ ଉଦାହରଣ ମଧ୍ୟ ଅଛି। ଏକଦା ଚାଟଶାଳୀରେ ପିଲାମାନେ ପାଠ ପଢୁଥିବାର ଦେଖି ଦେବକୀ ମଧ୍ୟ ନିଜ ପୁଅର ପାଠ ପଢ଼ା କଥା ଚିନ୍ତା କରିଛି। ପୁଅକୁ ନେଇ ଚାଟଶାଳୀରେ ଛାଡ଼ିଛି। ବୈଷ୍ଣବ ମହାନ୍ତି ଅବଧାନେ ତା' ପୁଅକୁ ଭଲଭାବରେ ପଢ଼ାଇବାର ଆଶା ନେଇ ସେ ତାଙ୍କ ପାଖରେ ମାଗଣାରେ ଦହି ଅଜାଡ଼ି ଦେଇଛି। କିନ୍ତୁ ଅନନ୍ତାର ଦୁଷ୍ଟାମି ବଢ଼ିଯିବାରୁ ଅବଧାନେ ତାକୁ ବିଛୁଆତିରେ ପିଟିଛନ୍ତି। ଅନନ୍ତା ମଧ୍ୟ ପ୍ରତିଶୋଧପରାୟଣ ହୋଇ ଅବଧାନଙ୍କ ପାଇଖାନା ପାଣିରେ

Scanned with CamScanner

ବାଇଡ଼ଙ୍କ ମିଶାଇଛି। ରୋଷେଇ ଘର ପାଣିରେ ମଧ୍ୟ ବାଇଡ଼ଙ୍କ ମିଶାଇଛି। ଅବଧାନେ ଏହି ପାଣି ବ୍ୟବହାର କରି ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସେ ଦେବକୀ ଘରକୁ କ୍ରୋଧଜର୍ଜର ହୋଇ ଯାଇ ଅନନ୍ତାକୁ ଗାଳି ଦେବାରୁ ଦେବକୀ ପୁଅ ପ୍ରତି ଗାଳିଶୁଣି ଅବଧାନଙ୍କ ପ୍ରତି ହିଂସ୍ର ହୋଇଉଠିଛି। ତାଙ୍କୁ ଅକଥନୀୟ ଗାଳି ଦେଇ ଠେଙ୍ଗାଧରି ଗୋଡ଼ାଇଛି ବାଡ଼େଇବାକୁ। ଅନନ୍ତା ଦୋଷ କରିଥିଲେ ମଧ୍ୟ ତା' ପ୍ରତି ଶିକ୍ଷକଙ୍କ ଭର୍ତ୍ସନା ଦେବକୀ ସହିପାରି ନାହିଁ। ଏହା ପୁତ୍ରପ୍ରତି ତା'ର ସ୍ନେହଶୀଳତାକୁ ପ୍ରକାଶିତ କରିଥାଏ।

ଦେବକୀର ଉଗ୍ରତା ଦେଖି ଅବଧାନେ ସେଇ ଗାଁ ଛାଡ଼ି ଚାଲିଯାଇଛନ୍ତି ସବୁଦିନପାଇଁ। ଦେବକୀ ସ୍ୱଭାବରେ ଯେତିକି ଉଗ୍ର, ତା'ର ଦେହବଳ ମଧ୍ୟ ସେତିକି ପ୍ରଚଣ୍ଡ। ଏକଦା ସେ ଦହି ବିକ୍ରି କରିବାକୁ ଯାଉଥିବା ସମୟରେ ବିନୋଦ ବିହାରୀ ମନ୍ଦିର ମାରଣା ଷଣ୍ଢଟା ତାକୁ ବିନ୍ଧିବାକୁ ଧାଇଁ ଆସିବାରୁ ସେ ଷଣ୍ଢର ଶିଙ୍ଗଧରି ନଇ ବନ୍ଧରୁ ତଳକୁ ଏମିତି ଠେଲି ଦେଲା ଯେ ଷଣ୍ଢଟି ଛୋଟା ହୋଇଗଲା ଓ ତା'ର ମାରଣା ପଣ ସବୁଦିନପାଇଁ ଚାଲିଗଲା। ସେହିପରି ଆଉଦିନେ ରାତିରେ ଦେବକୀ ଶୋଇଥିବା ସମୟରେ ତା' ଘରେ ତିନିଜଣ ଚୋର ପଶିଲେ। ଚୋରମାନେ ତାକୁ ଯେମିତି ମାଡ଼ି ବସିଛନ୍ତି, ସେ ହାଉଳି ଖାଇ ହାତଯୋଡ଼ାକ ଏମିତି ଛିଞ୍ଚାଡ଼ି ଦେଲା ଯେ ଚୋରଗୁଡ଼ାକ ଚାରି ଚାରି ହାତରେ ପଡ଼ିଲେ। ଦୁଇଟି ଚୋର ପଳାଇଗଲେ ଓ ଆଉ ଗୋଟିକୁ ମାଡ଼ି ବସି ଗାଈପଘାରେ ଘର ମଝି ଖୁଣ୍ଟରେ ବାନ୍ଧିଥିଲା। ଏହି ଚୋରଟି ଥିଲା ଗାଁ ଚଉକିଆ ବାଉରୀ ଝପଟ ସିଂ। ନିଜ ବାହୁ ବଳ ଉପରେ ଯଥେଷ୍ଟ ଭରସା କରି ବଞ୍ଚିଥିଲା ଦେବକୀ। ତେଣୁ ସ୍ୱାମୀ ମରିଗଲା ପରେ ସେ କେବେ ବିଚଳିତ ହୋଇ ନ ଥିଲା। ଏହା ତା'ର ଚାରିତ୍ରିକ ବୈଶିଷ୍ଟ୍ୟର ଅନ୍ୟତମ ଦିଗ।

ଅନନ୍ତା ଗାଁର ଧନ ଜୀବନ ରକ୍ଷାପାଇଁ ପ୍ରାଣପାତ କରିଛି। ମାଟି ତଳେ ସେ ପୋତି ହୋଇଯାଇଛି। ଗାଁ ଲୋକେ ଅନନ୍ତାକୁ ଧନ୍ୟଧନ୍ୟ କହୁଛନ୍ତି। ଦେବକୀ ସବୁ ଶୁଣିଛି। କାହାକୁ କିଛି କହିନାହିଁ। ତା' ପୁଅକୁ ମାଟି ତଳେ ପୋତି ଦିଆଗଲା ବୋଲି କାହାରିକୁ ଗାଳି ଦେଇନାହିଁ। ଅନନ୍ତାର ଏ ତ୍ୟାଗକୁ ଆତ୍ମବଳିରୁ ସେ ଯେମିତି ନିରବରେ ସମର୍ଥନ କରିଛି ଏହା ତା'ର ଚରିତ୍ରର ଅନ୍ୟତମ ବିଶିଷ୍ଟ ଗୁଣ ବୋଲି ମନେହୁଏ।

ଗାଳ୍ପିକ ଫକୀର ମୋହନ ସେନାପତି ଏକ ଗ୍ରାମୀଣ ନାରୀ ଚରିତ୍ର ଭାବରେ ଦେବକୀକୁ ଗ୍ରହଣ କରି ତାକୁ ଯଥାର୍ଥ ଭାବରେ ରୂପାୟିତ କରିପାରିଛନ୍ତି। ସବୁ କଥାରେ ପ୍ରଗଲ୍‌ଭା ହୋଇ ଉଠୁଥିବା ଚରିତ୍ରଟିଏ ଶେଷରେ ଏମିତି ନିର୍ବାକ୍ ହୋଇଯିବ ଏକଥା ସହଜରେ ବିଶ୍ୱାସ କରିହୁଏ ନାହିଁ। ଏହି ନିରବତା ହିଁ ତା'ର ଚାରିତ୍ରିକ ବୈଶିଷ୍ଟ୍ୟକୁ ଅଧିକ ମହୀୟାନ କରିଛି। ଏଥିରେ ସନ୍ଦେହ ନାହିଁ।

**ପ୍ର.୩। "ହାସ୍ୟ ଓ ବ୍ୟଙ୍ଗ ମଧ୍ୟରେ କାରୁଣ୍ୟର ପରିବେଷଣ-ଫକୀର ମୋହନ କଥା ସାହିତ୍ୟର ଅନ୍ୟତମ ଧାରା" ପଠିତ ଗଳ୍ପ ଅନୁସରଣରେ ଏହା ଆଲୋଚନା କର।**

**ଉ:** ହାସ୍ୟ ଓ ବ୍ୟଙ୍ଗ ମଧ୍ୟରେ କାରୁଣ୍ୟର ପରିବେଷଣ, ଫକୀର ମୋହନ କଥା ସାହିତ୍ୟରେ ଅନ୍ୟତମ ଧାରା। ହାସ୍ୟ ଓ ବ୍ୟଙ୍ଗ ମଧ୍ୟରେ ପାଠକର ମନକୁ ବିହ୍ୱଳ କରିଦିଅନ୍ତି ସେ। ସେହି ବହ୍ୱଳତା ମଧ୍ୟରେ ପାଠକ ହଠାତ୍ ଏକ ଦୁଃଖ ବା କାରୁଣ୍ୟର ସମ୍ମୁଖୀନ ହୁଏ। ଯେଉଁ ଦୁଃଖଦ ବା କରୁଣ ଘଟଣାଟିକୁ ସେ ରୂପ ଦେଇଥା'ନ୍ତି, ତହିଁରେ ନିହିତ ଥାଏ ଜଗତର ଅଲଂଘନୀୟ ସତ୍ୟ ନିୟତିର ନିଷ୍ଠୁର ଇଚ୍ଛା। ତାକୁ ଏଡ଼ିଦେଇ ଯିବାପାଇଁ କାହାର ବି ଶକ୍ତି ନ ଥାଏ।

'ରାଣ୍ଡି ପୁଅ ଅନନ୍ତା' ଗଳ୍ପର ବହୁ ଘଟଣା ହାସ୍ୟ ପରିପୂର୍ଣ୍ଣ ଓ ବ୍ୟଙ୍ଗାତ୍ମକ। ସୁବଳକୁ ଯେତେବେଳେ ପୁଲିସ୍ ସାହେବ କନେଷ୍ଟବଳ ହେବା ପାଇଁ ପଚାରିଛନ୍ତି, ସୁବଳ କହିଛି ଯେ ସେ ତା'ର ସ୍ତ୍ରୀକୁ ପଚାରି ତା'ର ମତ ଜଣାଇବ – ଏହି କଥା ପୁଲିସ୍ ସାହେବ ବୁଝିପାରିନାହାନ୍ତି। ଜମାଦାର ତାଙ୍କୁ ଯେପରି ଇଂରେଜୀରେ ବୁଝାଇଛି, ତାହା ବେଶ ହାସ୍ୟ ରସପୂର୍ଣ୍ଣ। ସେ କହିଛନ୍ତି – Sir, this guala Mahakur says he ask his wife. If she says, he will constable.

Scanned with CamScanner

ଚାଟଶାଳୀର ଅବଧାନ ବୈଷ୍ଣବ ମହାନ୍ତି ପିଲାମାନଙ୍କୁ ଘରୁ ଧୂଆଁପତ୍ର ଚୋରି କରିବାକୁ ଯେପରି ପରାମର୍ଶ ଦେଇଛନ୍ତି, ତାହା ବେଶ୍ ହାସ୍ୟରସ ପରିପୂର୍ଣ୍ଣ। ଅବଧାନେ ଛାତ୍ରଟିକୁ କହିଛନ୍ତି, "ତୋ' ମାଆ ଯେତେବେଳେ ଗାଧୋଇ ଯାଇଥିବ, ତୁ ଗୋଟାଏ ପାଛିଆ ଉଗାଡ଼ି ପକାଇବୁ। ତା' ପରେ ଚଢ଼ି ସିକାରୁ ଧୂଆଁପତ୍ର କାଢ଼ିବୁ। ସେଥିରୁ ଦୁଇ ଚାରି ଖଣ୍ଡ କାଢ଼ି ନେଇ ବିଡ଼ା ବାନ୍ଧି ସିକାରେ ଥୋଇଦେବୁ। ଖବରଦାର। ବେଶିଗୁଡ଼ାଏ ଆଣିବୁ ନାହିଁ। କାଲି ସକାଳେ ଯଦି ନ ଆଣିବୁ, ଅନାଇ ଥା'ଏ ବେତକୁ।"

ଅନନ୍ତା ଯେତେବେଳେ ଅବଧାନଙ୍କ ପାଇଖାନା ନେବା ପାଣିରେ ବାଇଡ଼ଙ୍କ ମିଶାଇ ଦେଇଛି ଓ ଏଥିପାଇଁ ହୀନସ୍ତା ହୋଇଛନ୍ତି, ତା'ର ବର୍ଣ୍ଣନା ପାଠକକୁ ହାସ୍ୟରସରେ ବୁହାଇ ଦିଏ। ଯଥା "ଅବଧାନେ ହାତ ପାଞ୍ଚ ଆଙ୍ଗୁଳିରେ ଟୁକୁଣା ଫଳଟି ଧରି ଡ଼ାହାଣ ହାତରେ ପିକା ଭିଡ଼ି ଭିଡ଼ି ଗାଁ ଶେଷମୁଣ୍ଡ ଗହୀର ବିଲକୁ ବହିର୍ଦ୍ଦେଶ ଗଲେ। ଅଧଘଣ୍ଟାଏ ହୋଇନାହିଁ, ଅବଧାନେ ତ ବିଲରୁ ଚାରି ଚାରି ହାତ ଚିଲାମାରି ରଡ଼ି ଛାଡ଼ି ଧାଇଁଛନ୍ତି। ଲୁଟା କେଉଁଠି ପଡ଼ିଲାଣି। ଲୁଗା ଖଣ୍ଡ ପଡ଼ିଥାନ୍ତା, ତାକୁ ହାତରେ ଜାବୁଡ଼ି ଧରିଛନ୍ତି, ହେଲେ ଅଧା ଲଙ୍ଗଳା। ରେ ଅଳପାଇସିଆରେ। ରେ ସର୍ବନାଶିଆ ଅନ୍ତାରେ। ମାରି ପକାଇଲାରେ।' ଇତ୍ୟାଦି।

ଅବଧାନଙ୍କ ଏହି ଦୁର୍ଦ୍ଦଶା ପରେ ସେ ଯେତେବେଳେ ଦେବକୀ ଘରକୁ ଯାଇଛନ୍ତି ଓ ଅନନ୍ତାକୁ ଗାଳି ଦେଇଛନ୍ତି, ଦେବକୀ ଅତ୍ୟନ୍ତ ଉଗ୍ର ହୋଇଉଠିଛି। ଅତି ନିଷ୍ଠୁର ଭାବରେ ଅବଧାନଙ୍କୁ ଗାଳି ଦେଇଛି ଓ ଠେଙ୍ଗା କାନ୍ଧରେ ପକାଇ ବାଡ଼େଇବାକୁ ଗୋଡ଼େଇଛି। ଗଳ୍ପରେ ଏହି ବର୍ଣ୍ଣନା ଅତ୍ୟନ୍ତ ହାସ୍ୟ ଉଦ୍ରେକକାରୀ, ଯଥା - "ସିଂହାଣୀ କାନ୍ଥରେ ଠେଙ୍ଗା। ଭାଲୁକୁଣୀ ପରି ଅବଧାନ ପଛରେ ଧପଧପ କରି ଧାଇଁଛି। ଧାଇଁଲା ବେଳେ ସେହି ବିଶାଳ ପେଟଟି ଦଲ୍‌ଦଲ୍ ଶୁଭୁଛି। ସିଂହାଣୀର ସେହି ରଡ଼ିରେ ଗାଁ କମ୍ପି ଯାଉଛି। ଅବଧାନେ ଗାଁ ମଝିରେ କେଉଁଠି ଅନ୍ଧାରରେ ମିଶିଗଲେ। ସିଂହାଣୀ ଡାକ ଦେଲା, ଆରେ କାଠଖିଆ ମହାନ୍ତ ଗୋଲାମ। ମୋ ପୁଅକୁ କୁଆଡ଼େ ଲୁଚାଉଛୁ ଆଣିଦେ। ଜାଣିଥା କାଲି ସକାଳେ ପିତଳ ବାହିରେ ତୋ' ମୁଣ୍ଡ ଚୂନା କରିବି।"

ଅନନ୍ତା ଗାଁଯାକ ବୁଲି ଲୋକଙ୍କ ବାଡ଼ିରୁ ମକା, କାକୁଡ଼ି କୋଳି ଚୋରି କରେ। ଆଉ ତାକୁ ଯାଚିଲେ କିଛି ନିଏ ନାହିଁ। ତା'ଠୁ କାମ ଆରମ୍ଭ କରିବାକୁ ଲୋକେ ତାକୁ କଅଁଳେଇ କରି ଡାକନ୍ତି। ସେ ଡାକରେ ସେ ତରଳିଯାଏ। ଅସାଧ୍ୟ କାର୍ଯ୍ୟକୁ ମଧ୍ୟ ଏକା କରିଦିଏ। ତାକୁ ଲୋକେ ଯେପରି କଅଁଳ କଥା କହି ଡାକନ୍ତି, ତାହା ବେଶ୍ ବ୍ୟଙ୍ଗାତ୍ମକ। ଯେପରି, "ତାକୁ ଯଦି କହିବ, ବାପ ଅନ୍ତୁ, ତୁ ନ ହେଲେ କାହାରି ଗାଁ ଚଳିବ? ଆଉ କିଛି କଥା ନାହିଁ, ଧଇଲା କୋଡ଼ି ଚାରି ଜଣ ମଣିଷ ଦିନକେ ଯାହା ପାରିବେ ନାହିଁ, ପହରକ ଭିତରେ ଫୁଟେ ଗହୀରରେ ବାଡ଼ିଟାକୁ ତାଡ଼ି ପକାଇବ।"

ହାସ୍ୟ ଓ ବ୍ୟଙ୍ଗ ମଧ୍ୟରେ ପାଠକେ ବୁଡ଼ି ଯାଇଥିବା ବେଳେ ଗ୍ରାମର ଏକ କରୁଣ ପରିସ୍ଥିତିରେ ଅନନ୍ତାର ଆତ୍ମବଳି ସେମାନଙ୍କୁ ଦୁଃଖ ଭିତରେ ବୁଡ଼ାଇ ଦିଏ। ହାସ୍ୟ ରସର ବର୍ଣ୍ଣାଳୀ ଭିତରେ ଏମିତି କରୁଣ ମୁହୂର୍ତ୍ତଟିର କଥା ପାଠକକୁ ପଢ଼ିବାକୁ ହେବ। ଏହା ତା'ର ଚେତନାରେ ସ୍ଥାନ ପାଇ ନ ଥିଲା। ଗଳ୍ପର ଶେଷ ଭାଗରେ ଏକ ପ୍ରଗଲ୍ଭା ନାରୀ ଦେବକୀ ଯେପରି ନିର୍ବାକ ପାଲଟିଯାଇଛି। ତାହା ପାଠକ ପ୍ରାଣରେ ଆଉ ଏକ ଦଃଖ ସୃଷ୍ଟି କରେ। ଦେବକୀ କାହାକୁ କିଛି ନ କହି ନଈ ବନ୍ଧକୁ ଯାଇଛି। ବନ୍ଧ ଚାରିପାଖେ ବୁଲିଛି ଓ ହଠାତ୍ ପାଣି ଭିତରକୁ ଖସିପଡ଼ିଛି। ତା'ର ମଧ୍ୟ ସେଠାରେ ମୃତ୍ୟୁ ଘଟିଛି। ପ୍ରଥମରୁ ହାସ୍ୟରସାତ୍ମକ ମନେ ହେଉଥିବା ଗପଟିର ଅନ୍ତିମ ପର୍ଯ୍ୟାୟରେ ଏତେ ଦୁଃଖକୁ କେବଳ ଫକୀର ମୋହନ ହିଁ ଖଞ୍ଜି ଦେଇପାରନ୍ତି। ଏହା ତାଙ୍କ ଶିଳ୍ପ ଚାତୁରୀର ଅନ୍ୟତମ ବୈଶିଷ୍ଟ୍ୟ କହିଲେ ସତ୍ୟର ଅପଳାପ ହେବ ନାହିଁ।

Scanned with CamScanner

## ସଂକ୍ଷିପ୍ତ ପ୍ରଶ୍ନୋତ୍ତର

**ପ୍ର.୧। ସୁବଳ ମହାକୁଡ଼ ସବୁବେଳେ କେଉଁଠି ଥାଏ ?**

ଉ: ସୁବଳ ମହାକୁଡ଼ ହରିଶପୁରର ବଣ ଭିତରେ ମଇଁଷି ପଲ ସହିତ ସବୁବେଳେ ଥାଏ।

**ପ୍ର.୨। ବର୍ଷା ଦିନଟା ମହାକୁଡ଼ପାଇଁ ଆନନ୍ଦର ଦିନ କାହିଁକି ?**

ଉ: ବର୍ଷାଦିନଟା ମହାକୁଡ଼ପାଇଁ ବଡ଼ ଆନନ୍ଦର ଦିନ, କାରଣ ଏହି ସମୟରେ ମଇଁଷିମାନଙ୍କୁ ପ୍ରଚୁର ଚରା ମିଳେ ଓ ସେମାନେ ଭଲ କ୍ଷୀର ଦିଅନ୍ତି।

**ପ୍ର.୩। ବର୍ଷାଦିନେ କ'ଣ ପାଇଁ ପଲାଟିଏ ତିଆରି କରିବା ଦରକାର ?**

ଉ: ରନ୍ଧାବଢ଼ା କରିବା ଲାଗି ବର୍ଷା ଦିନେ ପଲାଟିଏ ତିଆରି କରିବା ଦରକାର।

**ପ୍ର.୪। ମହାକୁଡ଼ କେଉଁଥିରେ ପଲା ତିଆରି କରେ ?**

ଉ: ମହାକୁଡ଼ କେତୋଟି ଡ଼ାଳ ପୋତି ତା' ଉପରେ ବେଣା ଘାସ କେତେ ବିଡ଼ା ବିଛାଇ ପଲା ତିଆରି କରେ।

**ପ୍ର.୫। ବାଘ ଆସିଛି ବୋଲି ମହାକୁଡ଼ କେମିତି ଜାଣିପାରେ ?**

ଉ: ମଇଁଷିମାନେ ନାକସିକଟା ମାରିଦେଲେ ମହାକୁଡ଼ ବାଘ ଆସିଛି ବୋଲି ଜାଣିପାରେ।

**ପ୍ର.୬। ସୁବଳ ସିଂହ କାହାର ଅର୍ଦ୍ଦଳି ଥିଲା ?**

ଉ: ସୁବଳ ସିଂହ ସାହେବଙ୍କର ଅର୍ଦ୍ଦଳି ଥିଲା।

**ପ୍ର.୭। କେତେ ବର୍ଷ ବୟସ ହୋଇଥିଲା ବେଳେ ଅନନ୍ତାର ପିତୃ ବିୟୋଗ ଘଟିଲା ?**

ଉ: ଚାରିବର୍ଷ ବୟସ ହୋଇଥିଲା ବେଳେ ଅନନ୍ତାର ପିତୃ ବିୟୋଗ ଘଟିଥିଲା।

**ପ୍ର.୮। ଓଲିଆ ମଇଁଷି ବେକରେ କ'ଣ ବନ୍ଧା ହୋଇଥାଏ ?**

ଉ: ଓଲିଆ ମଇଁଷି ବେକରେ କାଠ ଘଣ୍ଟି ବନ୍ଧା ହୋଇଥାଏ।

**ପ୍ର.୯। ମହାକୁଡ଼ାଣୀ କାହିଁକି ଗାଁ ଲୋକଙ୍କ ସହିତ କଳି କରେ ?**

ଉ: ମହାକୁଡ଼ାଣୀକୁ କେହି ଯଦି ସେଠାଣୀ ନ କୁହେ, ତେବେ ସେ ଗାଁ ଲୋକମାନଙ୍କ ସହିତ କଳି କରେ।

**ପ୍ର.୧୦। ସୁବଳ ସିଂହର ଦରମା କେତେ ଥିଲା ?**

ଉ: ସୁବଳ ସିଂହର ମାସିକ ଦରମା ନଅ ଟଙ୍କା ଥିଲା।

**ପ୍ର.୧୧। ସିଂହାଣୀ ମୁଣ୍ଡରେ ଦହି କଳସୀ ରଖି ଦୁଇହାତ ହଲାଇ ଦାଣ୍ଡରେ ଚାଲିଯିବା ସମୟରେ ଲୋକମାନେ ତାକୁ କ'ଣ ବୋଲି କହନ୍ତି ?**

ଉ: ସିଂହାଣୀ ମୁଣ୍ଡରେ ଦହି କଳସୀ ଦେଖି ଦୁଇହାତ ହଲାଇ ଦାଣ୍ଡରେ ଯିବାବେଳେ ଲୋକମାନେ ତାକୁ 'ନନ୍ଦିଘୋଷ ରଥ' ବୋଲି କହନ୍ତି।

**ପ୍ର.୧୨। ଅନନ୍ତା ଦେହରେ ବାରଲୋକଙ୍କ ନଜର ନ ଲାଗିବା ପାଇଁ ସିଂହାଣୀ କ'ଣ କରେ ?**

ଉ: ଅନନ୍ତା ଦେହରେ ବାରଲୋକଙ୍କ ନଜର ନ ଲାଗିବା ପାଇଁ ସିଂହାଣୀ ତା' ବେକରେ ଗୋଟିଏ ଘୁଷୁରୀ ଥୋମଣି, ଗୋଟିଏ ତମ୍ବା ଡେଉଁରିଆ ଭିତରେ ମହାଦେବଙ୍କ ବେଲପତ୍ରୀ, ଦିକଡ଼ା କାଣି କଉଡ଼ି, ଚାରିଟା ରୁପା ଡେଉଁରିଆ; ମୂଳମୂଳିକା ହାର କରି ଗଳେଇ ଦିଏ।

❑◆❑

Scanned with CamScanner